रजिस्ट्री सं० डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII—ଖଣ୍ଡ I**

**प्राधिकार से प्रकाशित**
**PUBLISHED BY THE AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

---

**No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6**

**ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6**

---

## MINISTRY OF LAW, JUSTICE AND COMPANY AFFAIRS

### (Legislative Department)

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲଏଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋଗେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେଣ୍ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲ୍‌ସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଶତ୍ରୁଙ୍କ ସହିତ ବ୍ୟବସାୟ ( ଆପାତକାଳୀନ ଉପବନ୍ଧମାନଙ୍କର ପ୍ରଚଳାବସ୍ଥା ) ଅଧିନିୟମ, 1947

( 1947 ର ଅଧିନିୟମ ସଂ 16 )

**ରାଜ୍ୟ ଏବଂ ଭାରତ ସରକାରଙ୍କ ସହିତ ଯୁଦ୍ଧରତ ଥିବା ରାଜ୍ୟମାନଙ୍କର ବ୍ୟକ୍ତି ଓ ଫାର୍ମମାନଙ୍କ ସହିତ ବ୍ୟବସାୟର ନିୟନ୍ତ୍ରଣ ସମ୍ବନ୍ଧରେ ଭାରତରକ୍ଷା ନିୟମାବଳୀର କେତେକ ଉପବନ୍ଧର ପ୍ରଚଳାବସ୍ଥା ନିମନ୍ତେ ଏବଂ ସେମାନଙ୍କ ସମ୍ପତ୍ତିର ଅଭିରକ୍ଷା ନିମନ୍ତେ ଉପବନ୍ଧ କରିବା ନିମିତ୍ତ ଏକ ଅଧିନିୟମ ।**

[ 20 ମାର୍ଚ୍ଚ 1947 ]

ଯେହେତୁ ରାଜ୍ୟ ଏବଂ ଭରତ ସରକାରଙ୍କ ସହିତ ଯୁଦ୍ଧରତ ଥିବା ରାଜ୍ୟମାନଙ୍କର ବ୍ୟକ୍ତି ଓ ଫାର୍ମମାନଙ୍କ ସହିତ ବ୍ୟବସାୟ ନିୟନ୍ତ୍ରଣ ସମ୍ବନ୍ଧରେ ଭାରତରକ୍ଷା ନିୟମାବଳୀର କେତେକ ଉପବନ୍ଧର ପ୍ରଚଳାବସ୍ଥା ନିମନ୍ତେ ଏବଂ ସେମାନଙ୍କ ସମ୍ପତ୍ତିର ଅଭିରକ୍ଷା ନିମନ୍ତେ ଉପବନ୍ଧ କରିବା ସମୀଚୀନ ଅଟେ,

ତେଣୁ ଏତଦ୍ଦ୍ୱାରା ଏହା ନିମ୍ନମତେ ଅଧିନିୟମିତ ହେଲା:—

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

1. (1) ଏହି ଅଧିନିୟମ ଶତ୍ରୁଙ୍କ ସହିତ ବ୍ୟବସାୟ (ଆପାତକାଳୀନ ଉପବନ୍ଧମାନଙ୍କର ପ୍ରଚଳାବସ୍ଥା) ଅଧିନିୟମ, 1947 ନାମରେ ଅଭିହିତ ହେବ ।

(2) ଏହା ସମଗ୍ର ଭରତ ପ୍ରତି ବିସ୍ତୃତ ଅଟେ ଏବଂ ଭରତ ବାହାରେ ସମସ୍ତ ଭରତୀୟ ନାଗରିକମାନଙ୍କ ପ୍ରତି ମଧ୍ୟ ଏହା ପ୍ରଯୁଜ୍ୟ ଅଟେ ।

(3) ଏହା 1947 ମାର୍ଚ୍ଚ 25 ତାରିଖ ଦିନ ପ୍ରବୃତ୍ତ ହେବ ।

କେତେକ ଆପାତକାଳୀନ ଉପବନ୍ଧର ପ୍ରଚଳାବସ୍ଥା ।

2. (1) ଭରତ ରକ୍ଷା ଅଧିନିୟମ, 1939 ଏବଂ ଆପାତକାଳୀନ ଉପବନ୍ଧ (ପ୍ରଚଳାବସ୍ଥା) ଅଧ୍ୟାଦେଶ, 1946 ର ଅବସାନ ସତ୍ତ୍ୱେ,—

(କ) ଏହି ଅଧିନିୟମର ଅନୁସୂଚୀର ପ୍ରଥମ ସ୍ତମ୍ଭରେ ଉଲ୍ଲିଖିତ ଭାରତରକ୍ଷା ନିୟମାବଳୀର ଉପବନ୍ଧଗୁଡ଼ିକ ପ୍ରବୃତ୍ତ ରହିବ ଏବଂ ତାହାର ଦ୍ୱିତୀୟ ସ୍ତମ୍ଭରେ ବିନିର୍ଦ୍ଦିଷ୍ଟ ହୋଇଥିବା ରୂପଭେଦନ ପ୍ରତି ସାପେକ୍ଷ ରହି ପ୍ରଭବୀ ହେବ,

(ଖ) ଉକ୍ତ ଉପବନ୍ଧଗୁଡ଼ିକର ଯେକୌଣସି ଉପବନ୍ଧ ଅଧୀନରେ ବା ଅନୁସରଣରେ ହୋଇଥିବା କିମ୍ବା ହେବା ପାଇଁ ବିବେଚିତ ହୋଇଥିବା ଏବଂ ଏହି ଅଧିନିୟମ ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ପ୍ରବୃତ୍ତ ଥିବା କୌଣସି ଆଦେଶ ବା ଦଲିଲ ଏହି ଧାରା ଦ୍ୱାରା ପ୍ରବୃତ୍ତ ଥିବା ଉପବନ୍ଧଗୁଡ଼ିକ ସହିତ ସଂଗତ ଥିବା ପର୍ଯ୍ୟନ୍ତ ପ୍ରବୃତ୍ତ ରହିବ ଏବଂ ସେଭଳି ପ୍ରବୃତ୍ତ ରହିଥିବା ଉପବନ୍ଧଗୁଡ଼ିକ ଅଧୀନରେ ବା ଅନୁସରଣରେ ହୋଇଥିବା ଭଳି ବିବେଚିତ ହେବ ।

(2) ଭାରତରକ୍ଷା ନିୟମାବଳୀ ବିଷୟରେ ଉପଧାରା (1) ରେ ଉଲ୍ଲେଖ ଥିବା ଆପାତକାଳୀନ ଉପବନ୍ଧ (ପ୍ରଚଳାବସ୍ଥା) ଅଧ୍ୟାଦେଶ, 1946 ଦ୍ୱାରା ରୂପଭେଦିତ ହୋଇଥିବା ଓ ପ୍ରବୃତ୍ତ ଥିବା ନିୟମାବଳୀ ପ୍ରତି ନିର୍ଦ୍ଦେଶ ବୋଲି ଅର୍ଥ କରାଯିବ ।

ଅନ୍ୟାନ୍ୟ ଅଧିନିୟମ ସହିତ ଅସଂଗତ ଥିବା ନିୟମାବଳୀ ଆଦିର ପ୍ରଭାବ ।

3. ଏହି ଅଧିନିୟମ ଭିନ୍ନ କୌଣସି ଅଧିନିୟମିତିରେ କିମ୍ବା ଏହି ଅଧିନିୟମ ଭିନ୍ନ କୌଣସି ଅଧିନିୟମିତି ବଳରେ ପ୍ରଭବୀ ଥିବା କୌଣସି ଦଲିଲରେ ତାହା ସହିତ ଅସଂଗତ କୌଣସି ବିଷୟ ଥିବା ସତ୍ତ୍ୱେ ଧାରା 2 ଦ୍ୱାରା ପ୍ରବୃତ୍ତ ହୋଇ ରହିଥିବା ଭାରତରକ୍ଷା ନିୟମାବଳୀର ଉପବନ୍ଧମାନଙ୍କର ଏବଂ ସେପରି ଉପବନ୍ଧମାନଙ୍କ ଅଧୀନରେ ହୋଇଥିବା ବା ହୋଇଥିବା ପରି ବିବେଚିତ ହୋଇଥିବା ସମସ୍ତ ଆଦେଶର ପ୍ରଭାବ ରହିବ ।

**ପ୍ରତ୍ୟାଯୋଜନ**

4. (1) ଧାରା 2 ଦ୍ୱାରା ପ୍ରବୃତ୍ତ ରହିଥିବା କୌଣସି ଉପବନ୍ଧ ଦ୍ୱାରା ବା ତାହା ଅଧୀନରେ ଯେଉଁ କ୍ଷମତା ବା କର୍ତ୍ତବ୍ୟ କେନ୍ଦ୍ର ସରକାରଙ୍କ ଉପରେ ଅର୍ପିତ ବା ଆରୋପିତ ହୋଇଥିବ ନିର୍ଦ୍ଦେଶରେ ବିନିର୍ଦ୍ଦିଷ୍ଟ ହେବାମତେ ସେପରି ପରିସ୍ଥିତି ଓ ସେପରି ସର୍ତ୍ତ ଯଦି ଥାଏ ତେବେ ଉକ୍ତ ପରିସ୍ଥିତିରେ ଓ ସର୍ତ୍ତ ଅଧୀନରେ ତାହା ସେହି ସରକାରଙ୍କ ଅଧୀନସ୍ଥ କୌଣସି ଅଧିକାରୀ ବା ପ୍ରାଧିକାରୀଙ୍କଦ୍ୱାରା ଅଥବା ଅନ୍ୟ କୌଣସି ପ୍ରାଧିକାରୀଙ୍କଦ୍ୱାରା ପ୍ରୟୋଗ ହୋଇ ପାରିବ ବା ସମ୍ପାଦନ ହୋଇପାରିବ ବୋଲି କେନ୍ଦ୍ର ସରକାର ଆଦେଶ ଦ୍ୱାରା ନିର୍ଦ୍ଦେଶ ଦେଇ ପାରିବେ ।

(2) ଧାରା 2 ଦ୍ୱାରା ପ୍ରବୃତ୍ତ ରହିଥିବା କୌଣସି ଉପବନ୍ଧଦ୍ୱାରା କୌଣସି ଅର୍ପିତ କ୍ଷମତା ବା ଆରୋପିତ କର୍ତ୍ତବ୍ୟ ପ୍ରତ୍ୟାୟୋଜିତ କରି ଏହି ଅଧିନିୟମ ପ୍ରାରମ୍ଭ ପୂର୍ବରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା ଏବଂ ସେପରି ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ପ୍ରବୃତ୍ତ ଥିବା ସମସ୍ତ ଆଦେଶ ପ୍ରବୃତ୍ତ ରହିବ ଏବଂ ଏହି ଧାରା ଅଧୀନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା ଭଳି ବିବେଚିତ ହେବ ।

**ଆଦେଶ ପ୍ରତି ବ୍ୟାବୃତି ।**

5. (1) ଧାରା 2 ଦ୍ୱାରା ପ୍ରବୃତ୍ତ ରହିଥିବା କୌଣସି ଉପବନ୍ଧ ଦ୍ୱାରା ବା ଅଧୀନରେ ଅର୍ପିତ କୌଣସି କ୍ଷମତାର ପ୍ରୟୋଗରେ ଦିଆଯାଇଥିବା ବା ଦିଆଯାଇଅଛି ବୋଲି ବିବେଚିତ ହୋଇଥିବା କୌଣସି ଆଦେଶ ସମ୍ପର୍କରେ କୌଣସି ନ୍ୟାୟାଳୟରେ ପ୍ରଶ୍ନ କରାଯିବ ନାହିଁ ।

(2) ଯେଉଁ ସ୍ଥଳେ ଉପରୋକ୍ତ ଯେକୌଣସି ଉପବନ୍ଧ ଦ୍ୱାରା ବା ଅଧୀନରେ ଅର୍ପିତ କୌଣସି କ୍ଷମତା ପ୍ରୟୋଗରେ କୌଣସି ପ୍ରାଧିକାରୀଙ୍କ ଦ୍ୱାରା ଆଦେଶ କରାଯାଇଅଛି ବୋଲି ଓ ଦସ୍ତଖତ ହୋଇଅଛି ବୋଲି ତାପର୍ଯ୍ୟିତ ହୋଇଥିବ ସେହିସ୍ଥଳେ କୌଣସି ନ୍ୟାୟାଳୟ ଭରତୀୟ ସାକ୍ଷ୍ୟ ଅଧିନିୟମ, 1872 ର ଅର୍ଥ ମଧ୍ୟରେ ଉପଧାରଣା କରିବେ ଯେ ସେହି ପ୍ରାଧିକାରୀଙ୍କ ଦ୍ୱାରା ସେପରୁ ଆଦେଶ ସେଭଳି କରାଯାଇଥିଲ ।

**ନିୟମାବଳୀ ଅଧୀନରେ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ପରିତ୍ରାଣ ।**

6. (1) ଧାରା 2 ଦ୍ୱାରା ପ୍ରବୃତ୍ତ ରହିଥିବା କୌଣସି ଉପବନ୍ଧ କିମ୍ବା ତାହା ଅଧୀନରେ ହୋଇଥିବା ବା ହେବାପରି ବିବେଚିତ ହୋଇଥିବା କୌଣସି ଆଦେଶର ଅନୁସରଣରେ ଯାହାକିଛି ସଦ୍‌ଭବପୂର୍ବକ କରାଯାଇଥିବ ବା କରାଯିବାକୁ ଆଶୟିତ ହୋଇଥିବ ସେପରି କୌଣସି ବିଷୟ ନିମନ୍ତେ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ମୋକଦ୍ଦମା ଅଭିଯୋଜନ ବା ଅନ୍ୟ ବିଧିକ କାର୍ଯ୍ୟାନୁଷ୍ଠାନ ଚଳିବ ନାହିଁ ।

(2) ଧାରା 2 ଦ୍ୱାରା ପ୍ରବୃତ୍ତ ରହିଥିବା କୌଣସି ଉପବନ୍ଧ କିମ୍ବା ତାହା ଅଧୀନରେ ହୋଇଥିବା ବା ହେବାପରି ବିବେଚିତ ହୋଇଥିବା କୌଣସି ଆଦେଶର ଅନୁସରଣରେ ସଦ୍‌ଭବ ପୂର୍ବକ କରାଯାଇଥିବା ବା କରାଯିବାକୁ ଆଶୟିତ ହୋଇଥିବା କୌଣସି ବିଷୟ ଦ୍ୱାରା ହୋଇଥିବା ବା ହେବାର ସମ୍ଭାବନା ଥିବା କୌଣସି ଲୋକସାନ ନିମନ୍ତେ ସରକାରଙ୍କ ବିରୁଦ୍ଧରେ କୌଣସି ମୋକଦ୍ଦମା ବା ଅନ୍ୟ ବିଧିକ କାର୍ଯ୍ୟାନୁଷ୍ଠାନ ଚଳିବ ନାହିଁ ।

# ଅନୁସୂଚୀ

( ଧାରା 2 ଦ୍ରଷ୍ଟବ୍ୟ )

ପ୍ରବୃତ୍ତ ରହିଥିବା ଭାରତରକ୍ଷା ନିୟମାବଳୀର ଉପବନ୍ଧମାନ

| ନିୟମର ସଂଖ୍ୟା ଓ ନାମ | ରୂପଭେଦନ |
|---|---|
| 1. ସଂକ୍ଷିପ୍ତ ନାମ | .. |
| 2. ସଂଜ୍ଞା | ଖଣ୍ଡ (1) ବାଦ ଦିଆଯିବ |
| 3. ନିର୍ବାଚନ | ଉପଧାରା (3) ବାଦ ଦିଆଯିବ |
| 4. ବ୍ୟାବୃତ୍ତି | .. |
| 5. ଏହି ନିୟମାବଳୀ ବା ତାହା ଅଧୀନରେ ହୋଇଥିବା ଆଦେଶଗୁଡ଼ିକର ଅପାଳନ | .. |
| 97. ସଂଜ୍ଞା | .. |
| 98. ଶତ୍ରୁ ସହିତ ବ୍ୟବସାୟ କରିବା ନିଷେଧ | .. |
| 99. ଶତ୍ରୁ ସହିତ ବ୍ୟବସାୟ କରିବା ସମ୍ପର୍କରେ ଅଧିକାର ଆଦିର ନିୟନ୍ତ୍ରଣ । | .. |
| 100. ଶତ୍ରୁ ସହିତ ବ୍ୟବସାୟର ନିୟନ୍ତ୍ରକ ଆଦି ନିଯୁକ୍ତ କରିବାକୁ କ୍ଷମତା । | .. |
| 101-କ. ଶତ୍ରୁ ସହିତ ବ୍ୟବସାୟର ନିୟନ୍ତ୍ରକ ଆଦିଙ୍କ କ୍ଷମତା | .. |
| 103. ସଂଜ୍ଞା | .. |
| 104. ଶତ୍ରୁ ଫାର୍ମ ସହିତ ବ୍ୟବସାୟ ଓ ଶତ୍ରୁ ଦେଶର ମୁଦ୍ରା କ୍ରୟ ନିଷେଧ । | .. |
| 105. ଶତ୍ରୁ ଫାର୍ମର ନିୟନ୍ତ୍ରକ ଆଦିଙ୍କୁ ନିଯୁକ୍ତ କରିବାକୁ କ୍ଷମତା । | .. |
| 106. ଶତ୍ରୁ ଫାର୍ମର ନିୟନ୍ତ୍ରକ ଆଦିଙ୍କ କ୍ଷମତା | .. |
| 108. ନିୟନ୍ତ୍ରକଙ୍କ ଆଦେଶ ଆଦି ଅନୁପାଳନ କରିବାରେ ଅସଫଳ ହେଲେ ଶାସ୍ତି । | .. |
| 110. ଶତ୍ରୁ ଫାର୍ମ ସହିତ ସଂବିଦା | .. |
| 111. ଶତ୍ରୁ ଫାର୍ମକୁ ବା ସେହି ଫାର୍ମ ଦ୍ୱାରା ସଂପତ୍ତିର ଅନ୍ତରଣ । | .. |
| 113-କ. ଶତ୍ରୁ ଫାର୍ମର କାରବାର ଚଳାଇବାକୁ କ୍ଷମତା | .. |
| 114. ଶତ୍ରୁ ଫାର୍ମର ଋଣ ସଂଗ୍ରହଣ ଓ ସଂପତ୍ତି ଅଭିରକ୍ଷା | .. |
| 114-କ. କେତେକ କାରବାର ନିୟନ୍ତ୍ରଣ ଓ ପରିସମାପନ କରିବାକୁ କ୍ଷମତା । | .. |
| 117. ମିଥ୍ୟା ବିବରଣ | .. |
| 117-କ. ବହି ଆଦିର ପେଶ୍ ଆବଶ୍ୟକ କରିବାକୁ କ୍ଷମତା | .. |
| 121-କ. ନିୟମାବଳୀ ଉଲ୍ଲଙ୍ଘନ କରିବାକୁ ପ୍ରଯତ୍ନ ଇତ୍ୟାଦି । | .. |
| 122. ନିଗମମାନଙ୍କ ଦ୍ୱାରା ଅପରାଧ | .. |
| 123-କ. କେତେକ କ୍ଷେତ୍ରରେ ପ୍ରମାଣ ଭାର | .. |
| 130. ନିୟମାବଳୀ ଆଦିର ଉଲ୍ଲଙ୍ଘନ ସଂଜ୍ଞାନ | ଉପଧାରା (3) ଓ (4) ବାଦ ଦିଆଯିବ |